SAMBAD
ସମ୍ବାଦ
ily




Home | Con

ବନ କର୍ମଚାରୀଙ୍କୁ ଆମେ ହତ୍ୟା କରିଛୁ: ଆନ୍ନା; ଆନ୍ନା କିଏ?; ସରସ୍ୱତୀ ଆତ୍ମାହୁତି ଉଦ୍ୟମ: ୩ ପୁଲିସ ଅଫିସରଙ୍କୁ କୈଫିୟତ ତଲବ; ମ୍ୟାଚ୍ ଫିକ୍ସିଂ: ସନ୍ଦେହ

ତାରିଖ : ୯/୨/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | | | |

Bhubaneswar Balasore Katak Brahmapur Jeypore Sambalpur Anugul Rourkela

Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ

ଚକ୍ରବ୍ୟୂହ

Click here for
WEB ADVERTISEMENT
TARIFF
CLICK

Non-Resident
Oriyas
Please
Register
yourself in our
Newsletter.

**Editorial**

## ଉପେକ୍ଷା ସୀମା ଟପିଲାଣି

ଦଳ ବା ମେଣ୍ଟ ନିର୍ବିଶେଷରେ କେନ୍ଦ୍ରୀୟ ଯେକୌଣସି ରାଜନୈତିକ ଗୋଷ୍ଠୀ କ୍ଷମତା ହାସଲ କରିବା ପରେ ସେମାନଙ୍କ ପରିକଳ୍ପିତ ଭାରତ ମାନଚିତ୍ରରୁ ଓଡ଼ିଶା ବାଦ୍ ପଡ଼ିଯିବା କିଛି ନୂଆ କଥା ନୁହେଁ । ବିପୁଳ ଖଣିଜ, ଜଳ ଓ ଜଙ୍ଗଲ ସଂପଦ ସାଙ୍ଗକୁ ବିସ୍ତୀର୍ଣ୍ଣ ବେଳାଭୂମି ଥାଇ ମଧ୍ୟ ଅର୍ଥନୈତିକ କ୍ଷେତ୍ରରେ ବହୁତ ପଛରେ ରହିଥିବା ଓଡ଼ିଶା ଉପରେ ପ୍ରାୟତଃ କାହାରି ଶୁଭଦୃଷ୍ଟି ପଡ଼େ ନାହିଁ । ରେଳବାଇର ବିସ୍ତାର ହେଉ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଉଥିବା ଉଚ୍ଚମାନର ଶିକ୍ଷାୟତନ ବା ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ହେଉ ପ୍ରତ୍ୟକଟି କ୍ଷେତ୍ରରେ ଓଡ଼ିଶା ତାର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ହୋଇଥାଏ । ବସ୍ତୁତଃ ଭିକ୍ଷା ଥାଳି ଧରି ଅଳି କରିବାକୁ ପଡ଼ିଥାଏ । କେତେବେଳେ କେମିତି କେନ୍ଦ୍ର ଛିଟାଏ ଫୋପାଡ଼ି ଦିଏ । ସତେ ଯେପରି ଆମ ପ୍ରତି ଦୟା ପ୍ରଦର୍ଶନ କରାଯିବା ଭଳି ଭାବ । ବେଶୀ ପୁରୁଣା ହୋଇ ନ ଥିବା କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ । ଭାରତୀୟ ଜନତାପାର୍ଟି (ଭାଜପା) ନେତୃତ୍ୱରେ ଗଠିତ ଏନ୍‌ଡିଏ ମେଣ୍ଟ ୬ ବର୍ଷ କାଳ କେନ୍ଦ୍ରରେ କ୍ଷମତାରେ ରହିଥିଲା । ଏନ୍‌ଡିଏର ସହଯୋଗୀ ଦଳ ବିଜୁ ଜନତା ଦଳର ନେତୃତ୍ୱରେ ଓଡ଼ିଶାରେ ବିଜୁ ଜନତା ଦଳ ଓ ଭାଜପା ମେଣ୍ଟ ରାଜ୍ୟରେ କ୍ଷମତାସୀନ ଥିଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପାରାଦୀପଠାରେ ତୈଳ ବିଶୋଧନ କାରଖାନା ପ୍ରତିଷ୍ଠା ପାଇଁ ଶୁଭ ଦେଇଗଲେ । କିନ୍ତୁ ଦୀର୍ଘ କାଳ ଧରି ବିବାଦ ଓ ଟଣାଓଟରା ଚାଲି ଏନ୍‌ଡିଏର କାର୍ଯ୍ୟକାଳ ମଧ୍ୟରେ ପାରାଦୀପ ତୈଳ ବିଶୋଧନ କାରଖାନା ବସାଇବାରେ ଅନିଶ୍ଚିତତା ଲାଗି ରହିଲା । ସେହି ଏନ୍‌ଡିଏ ଅମଳରେ ଭୁବନେଶ୍ୱର ନିକଟରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡ଼ିକାଲ ସାଇନ୍‌ସେସ୍‌ର (ଏ.ଆଇ.ଏମ୍.ଏସ୍) ଶାଖା ପ୍ରତିଷ୍ଠା ପାଇଁ ଶୁଭ ଦଆଗଲା । ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ବସାଇବାପାଇଁ ମଧ୍ୟ ପ୍ରତିଶ୍ରୁତି ଦିଆଗଲା । କିନ୍ତୁ ଏସବୁ ପାଇଁ ବଜେଟ୍‌ରେ ଠୋସ୍ ବ୍ୟୟବରାଦ କରାଗଲା ନାହିଁ ।

କଂଗ୍ରେସ ନେତୃତ୍ୱରେ କେନ୍ଦ୍ରରେ ୟୁପିଏ ମେଣ୍ଟ କ୍ଷମତା ହାସଲ କରିବା ପରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ସ୍ଥାନାନ୍ତର କରାଗଲା । ବହୁ ବାଦବିବାଦ ପରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନରେ ଜାତୀୟ ବୈଜ୍ଞାନିକ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରାଯିବାର ନିଷ୍ପତ୍ତି ନିଆଗଲା । ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ଭୁବନେଶ୍ୱର ଆସିଥିବା ବେଳେ ତାର ଶୁଭ ଦେଇଗଲେ । ଏହି ପ୍ରତିଷ୍ଠାନଟି ଆଣବିକ ଶକ୍ତି ବିଭାଗ ଆନୁକୂଲ୍ୟରେ ବସାଯିବ ଏବଂ ଏଥିପାଇଁ ୭୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏବେ ପୁଣି ଓଡ଼ିଶା ମୁଣ୍ଡରେ ଆଉ ଏକ ଚଡ଼କ ପଡ଼ିଛି । ଏକାଦଶ ପଞ୍ଚବାର୍ଷିକ ଯୋଜନାରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଯେଉଁସବୁ ବୈଷୟିକ ଅନୁଷ୍ଠାନମାନ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦିଆଯାଇଛି ତା ମଧ୍ୟରେ ଓଡ଼ିଶାର ନାମ ଗନ୍ଧ ନାହିଁ । ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟରେ ତିନିଟି ନୂଆ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି), ୫ଟି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ









(ଆଇଆଇଏମ୍), ୨୦ଟି ଭାରତୀୟ ସୂଚନା ଓ ପ୍ରଯୁକ୍ତି ସଂସ୍ଥାନ ଏବଂ ୪ଟି ସ୍କୁଲ ଅଫ୍ ପ୍ଲାନିଂ ଏଣ୍ଡ ଆର୍କିଟେକ୍ଚର ପ୍ରତିଷ୍ଠା କରାଯିବ । ଓଡ଼ିଶାରେ ଅନ୍ତତଃ ଗୋଟିଏ ଆଇଆଇଟି ଏବଂ ଗୋଟିଏ ଆଇଆଇଏମ୍ ଅନୁଷ୍ଠାନ ବସାଇବା ଲାଗି ବହୁଦିନୁ ଦାବି ହୋଇ ଆସୁଥିଲେ ମଧ୍ୟ ତାକୁ କେଉଁ ଯୁକ୍ତିରେ ଏଡ଼େଇ ଦିଆଯାଇ ଆସୁଛି ତାହା ବୁଝିବା କଷ୍ଟକର । ବିକାଶର ପ୍ରତ୍ୟେକଟି କ୍ଷେତ୍ରରେ କେନ୍ଦ୍ରୀୟ ଉପେକ୍ଷାର ଶିକାର ହୋଇଥିବା ଓଡ଼ିଶାରେ ଏଭଳି ଅନୁଷ୍ଠାନ ବସାଇବା କ'ଣ ଯୁକ୍ତିସଂଗତ ନୁହେଁ? ଉନ୍ନତିର ପାହାଚରେ ବହୁ ଉପରେ ରହିଥିବା ରାଜ୍ୟମାନେ ସବୁକ୍ଷେତ୍ରରେ କାହିଁକି ଅଧିକ ସୁବିଧା ପାଇବେ?

ପ୍ରକାଶିତ ଏକ ସମ୍ବାଦ ଅନୁଯାୟୀ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ବଜେଟ୍ରେ ଓଡ଼ିଶା ପାଇଁ ମୁଣ୍ଡ ପିଛା ମାତ୍ର ୪ ଟଙ୍କା ବ୍ୟୟବରାଦ କରାଯାଉଥିବା ବେଳେ ଦିଲ୍ଲୀ, ପଶ୍ଚିମବଙ୍ଗ, କର୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର ଓ ପଞ୍ଜାବ ଭଳି ଉନ୍ନତ ରାଜ୍ୟ ମାନଙ୍କ ପାଇଁ ମୁଣ୍ଡ ପିଛା ବ୍ୟୟ ବରାଦର ହାର ଏହାଠାରୁ ୨୦ରୁ ୨୫ ଗୁଣ ଅଧିକ । ଏଭଳି ପରିସ୍ଥିତି ପାଇଁ ଆମର ଯେ ଦୋଷ ନାହିଁ ତା' ନୁହେଁ । ଦୁର୍ବଳ ନେତୃତ୍ୱ ଓ ସଂକୀର୍ଣ ରାଜନୀତି ଆମକୁ ଏପରି ଜାବୁଡ଼ି ଧରିଛି ଯେ ରାଜ୍ୟର ସାମୂହିକ ସ୍ୱାର୍ଥ ପାଇଁ ଆମ ରାଜନେତାମାନେ ମିଳିତ ଭାବରେ କେନ୍ଦ୍ରକୁ ପ୍ରଭାବିତ କରିବାରେ ସଂପୂର୍ଣ ଭାବରେ ବ୍ୟର୍ଥ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କିମ୍ବା ସଂପୃକ୍ତ ମନ୍ତ୍ରାଳୟକୁ ଖଣ୍ଡେ ଦି ଖଣ୍ଡ ଚିଠି ଲେଖି ଦେଇ ଆମ ନେତାଏ ନିଶ୍ଚିନ୍ତ ହୋଇ ରହନ୍ତି । କେନ୍ଦ୍ର ସ୍ତରରେ ବଦ୍ଧମୂଳ ଧାରଣା ଯେ ଆଗ ରାଜ୍ୟକୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯାହା ମିଳୁଛି ତାର ପୂର୍ଣ ଉପଯୋଗ କରିବାରେ ଆମେ ଅପାରଗ । ଏକ ସମୟରେ ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ କଂଗ୍ରେସ ୨୦ଟି ଆସନ ହାସଲ କରିଥିଲା । ଏବେ ଆମ ଶାସକମେଣ୍ଟ ହାତରେ ୧୮ଟି ଆସନ ରହିଛି । ଏହି ସାଂସଦମାନେ ଦିଲ୍ଲୀ ଯାଇ କ'ଣ କରୁଛନ୍ତି? ଖବରକାଗଜ ବିବୃତି ଓ ବକ୍ତୃତାରେ କେନ୍ଦ୍ର ବିରୋଧୀ ଧ୍ୱନି ବ୍ୟତୀତ ମିଳିତ ଭାବରେ କେନ୍ଦ୍ର ଉପରେ ଚାପ ଦେବାପାଇଁ ଏମାନଙ୍କର କୌଣସି ଠୋସ୍ ରଣନୀତି ଅଛି କି? ଓଡ଼ିଶାକୁ ଅବହେଳା କରିବାରେ କେନ୍ଦ୍ର ସରକାର ତ ନିଶ୍ଚିତ ଭାବରେ ଦାୟୀ । କିନ୍ତୁ ଆମ ଲୋକପ୍ରତିନିଧି ଓ ରାଜନେତାମାନେ ନିଜ ନିଜର ଦାୟିତ୍ୱ ଏଡ଼ାଇ ଦେଇ ପାରିବେ କି?









ବିତର୍କ/ମତାମତ ସଂଗ୍ରହ

**୧୯୯୩ ତଦନ୍ତ ରିପୋର୍ଟ ନ ମିଳିବା ସରକାରଙ୍କ ଦକ୍ଷତାର ଅଭାବ ନୁହେଁ କି ?**

- ହଁ
- ନା
- ଅନ୍ୟାନ୍ୟ

Vote

ଫଳାଫଳ

News letter

**Newsletter Signup**

Name*

Email*

Subscribe

Unsubscribe









କଟାକ୍ଷ



ମଟନ ଚିକେନ ଗଗନେ
ଉଡୁଚି କିଏ ପଚାରୁଚି
ମାଛକୁ ହଜାରେ ଟଙ୍କିଆ
ବଜାରେ ଭାଙ୍ଗିଲେ
ପାଉନେଇଁ ବିଡ଼ି ଖର୍ଚ୍ଚକୁ.....
ବୋତଲ ଗଡୁଚି ପଛକୁ.....
ଭୋଓଟକୁ ଦେଖି ନାଜ
ମାଡୁଅଛି ଗାଆଁ ମୁଣ୍ଡ
ବରଗଛକୁ.....

Make your attractive website with domain name booking and web space only @ **INR 3995**/- * for further information contact in

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768